بسم الله الرحمن الرحيم

ଖୁତବା ଜୁମା ୨ ନଭେମ୍ବର ୨୦୧୮ର ସାରାଂଶ ସ୍ଥାନ
ମସଜିଦ୍ ବୟତୁଲ୍ ରେହମାନ୍,ମେରିଲ୍ୟାଣ୍ଡ (ଆମେରିକା)

**ଏତଦ୍ୱାରା ଏହା ସ୍ପଷ୍ଟ ହେଉ ଯେ,ହଜ଼ରତ୍ ମସିହ୍ ମଉଦ୍ ଅ.ସ ଆଁହଜ଼ରତ୍ ସ.ଅଙ୍କ ସେବକ ରୂପେ ସଂସାରରେ ସମସ୍ତ ଶିରକର ମୂଳୋତ୍ପାଟନ କରିବା ନିମନ୍ତେ ଅବତରିତ ହୋଇଥିଲେ । ତେଣୁ ଏହା ଆଦୌ ସମ୍ଭବ ନୁହେଁ ଯେ,ହଜ଼ରତ୍ ମସିହ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରକୃତ ଖିଲାଫତ୍ କୌଣସି ପ୍ରକାରର ଶିରକକୁ ପ୍ରଶ୍ରୟ ଦେଇ ତାହାର ପ୍ରଚାର ପ୍ରସାର ଏବଂ ଅଭିବୃଦ୍ଧିରେ ସହାୟକ ହେବ, କଦାପି ନୁହେଁ । ବରଂ ଖିଲାଫତର ସର୍ବପ୍ରଥମ କର୍ତ୍ତବ୍ୟ ହେଲା ଯେ,ଶିରକର ମୂଳୋତ୍ପାଟନ କରି ଭୂପୃଷ୍ଠରେ ଏକେଶ୍ୱରବାଦ ପ୍ରତିଷ୍ଠା କରିବା ।**

ତଶହୁଦ୍ ଏବଂ ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁରେ ଅନୱର୍ ଅୟେଦହୁଲ୍ଲାଃହୋ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ପ୍ରତ୍ୟେକ ବ୍ୟକ୍ତି ସେ ମହିଳା ବା ପୁରୁଷ ହୁଅନ୍ତୁ ନା କାହିଁକି ନିଜକୁ ଅହମଦି ଜମାଅତରେ ଅନ୍ତର୍ଭୁକ୍ତ କରି ନିଜକୁ ଅହମଦି ବୋଲାଇଥାଆନ୍ତି । ସେମାନଙ୍କର ଏହି ଉଦଘୋଷଣା କରିବା ସେମାନଙ୍କୁ ପ୍ରକୃତ ଅହମଦିରେ ପରିଣତ କରିନଥାଏ । ବରଂ ସେମାନେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଛନ୍ତି ଏବଂ ତାଙ୍କର ଦାବିକୁ ସ୍ୱୀକାର କରିଛନ୍ତି । ଏଥିସହିତ ହଜ଼ରତ୍ ମସିହ୍ ମଉଦ୍ ଅ.ସ ପ୍ରକୃତ ଅହମଦିରେ ପରିଣତ ହେବାର ଯେଉଁ ସର୍ତ୍ତଗୁଡ଼ିକ ରଖିଛନ୍ତି । ସେହିପରି କେତେକ ଦାୟୀତ୍ୱ ମଧ ନ୍ୟସ୍ତ କରି କେତେଗୁଡ଼ିଏ ଦାୟୀତ୍ୱବୋଧ ପ୍ରତି ମଧ ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ କହିଛନ୍ତି ଯେ,ଯଦି ତୁମେମାନେ ଏହାକୁ ଅନୁସରଣ କରିବ ତେବେ ଯାଇ ତୁମେମାନେ ନିଜକୁ ପ୍ରକୃତ ଓ ସଚ୍ଚା ଅହମଦିରେ ପରିଗଣିତ କରି ମୋ ଜମାଅତରେ ଅନ୍ତର୍ଭୁକ୍ତ କରିପାରିବେ । ଜଣେ ଅଦର୍ଶ ଅହମଦି ହେବା ପାଇଁ ନିଜର ସମସ୍ତ ସମର୍ଥ୍ୟ ଏବଂ ଇଚ୍ଛାଶକ୍ତିକୁ ସତମାର୍ଗରେ ପରିଚାଳିତ କରିବା ସଙ୍ଗେସଙ୍ଗେ ପ୍ରତ୍ୟେକ ଅହମଦି ଠାରୁ ହଜ଼ରତ୍ ମସିହ୍ ମଉଦ୍ ଅ.ସ ଯେଉଁ ସବୁ କଥା, ଆଚରଣର ଆଶା କରିଛନ୍ତି ତାହା ଅନିର୍ବାଯ୍ୟ ଅଟେ । ହୁଜୁର୍ ଅ.ସ କହିଲେ ବୈଅତରୁ କେବଳ ଏତିକି ଅଭିପ୍ରାୟ ଯେ,ନିଜର ଜୀବନକୁ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କରିଦେବା । ତେଣୁ ଏହା କୌଣସି ସାଧାରଣ କାର୍ଯ୍ୟ ନୁହେଁ । ଯେତେବେଳେ ଆମେମାନେ ନିଜର କୌଣସି ବସ୍ତୁ ବା ଦ୍ରବ୍ୟକୁ ଅନ୍ୟ ଲୋକ ପାଖରେ ବିକ୍ରୟ କରିଥାଉ ସେତେବେଳେ ସେହି ବସ୍ତୁ ବା ଦ୍ରବ୍ୟ ଉପରେ ଆମର କୌଣସି ସ୍ୱାୟତ୍ତତା ବା ଅଧିକାର ନଥାଏ । ଠିକ୍ ଏହିପରି ପ୍ରଭାବ ଆମମାନଙ୍କୁ ନିଜ ଉପରେ ପକାଇବା ଦରକାର ଏବଂ ଏହିପରି ଚିନ୍ତାଧାରା ଆମମାନଙ୍କୁ ନିଜର ଆତ୍ମା ପ୍ରତି ପୋଷଣ କରିବା ଦରକାର । ହୁଜ଼ୁର୍ ଅ.ସ ବର୍ଣ୍ଣନା କଲେ ଯେ,ବୈଅତକାରୀଙ୍କୁ (ଦୀକ୍ଷାଗ୍ରହଣକାରୀଙ୍କୁ) ସର୍ବପ୍ରଥମେ ତୁଚ୍ଛ,ବିନମ୍ର ତଥା ବିନୀତ ରୂପ ଧାରଣ କରିବାକୁ ପଡ଼ିବ ଏବଂ ନିଜର ଅହଂଭାବ ଏବଂ କାମନା,ବାସନା ଠାରୁ ନିଜକୁ ଦୂରେଇ ରଖିବାକୁ ପଡ଼ିବ । ତେଣୁ ଏହା ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର ବାଣୀ ଅଟେ । ହୁଜୁରେ ଅନୱର୍ କହିଲେ ଯେ, କେତେକ ଲୋକଙ୍କ କ୍ଷେତ୍ରରେ ଏହି ଅହଂଭାବ ଏବଂ କାମନା,ବାସନାର ଏହିପରି ଅବସ୍ଥା ପରିଲକ୍ଷିତ ହୋଇଥାଏ । ଜଣେ ପଦାଧିକାରୀ ଅନ୍ୟଜଣେ ପଦାଧିକାରୀ ଠାରୁ କ୍ଷୁବ୍ଧ, ତିକ୍ତ ଓ ଅସନ୍ତୁଷ୍ଟ ହୋଇ ଗୋଟିଏ ସ୍ଥାନରେ ମୋର ଉପସ୍ଥିତି ହେବା ସତ୍ତ୍ୱେ ମସଜିଦକୁ ନମାଜ଼୍ ପଢିବା ପାଇଁ ଆସିଲେ ନାହିଁ । ଏହାର କାରଣ ଯେ,ସେହି ପଦାଧିକାରୀଙ୍କ ଅନ୍ୟ ପଦାଧାକାରୀଙ୍କ ସହିତ ସୁସଂପର୍କ ନାହିଁ ତିକ୍ତତା ରହିଛି । ସେହି ପଦାଧିକାରୀମାନଙ୍କର ଅହଂକାର ଓ ଗର୍ବ, କାମନା ଏତେ ବଢିଯାଇଥିଲା ଯେ,ସେ ଖିଲାଫତ ସହିତ ବୈଅତର (ଦୀକ୍ଷାଗ୍ରହଣକାରୀ) ଦାବି ତ କରୁଥିଲେ କିନ୍ତୁ ତାଙ୍କ ନିକଟରେ ଖିଲାଫତର କୌଣସି ମହତ୍ତ୍ୱ ଓ ଆଦାର କିଛି ବି ନଥିଲା ଅର୍ଥାତ୍ ତାହା ମୂଲ୍ୟହୀନ ଥିଲା ।

ସେଠେରେ ଖଲିଫା ଉପସ୍ଥିତ ଅଛନ୍ତି ଏବଂ ତାଙ୍କ ପଛରେ ନମାଜ଼୍ ପଢିବା ଅନିର୍ବାର୍ଯ୍ୟ ଓ ଜରୁରୀ ଅଟେ । କିନ୍ତୁ କୌଣସି ପଦାଧିକାରୀ ସକାଶେ ମସଜିଦକୁ ନଯିବା ତାହା ଅତ୍ୟନ୍ତ ନିନ୍ଦନୀୟ । ତେଣୁ ସେହି ବ୍ୟକ୍ତି ଯିଏକି ମସଜିଦ୍ ଯାଇ ନାହାନ୍ତି ସେ ସ୍ୱୟଂ ନିଜେ ପଦାଧିକାରୀ ଅଟନ୍ତି । ଯଦି ଏହିପରି ଅବସ୍ଥା ଥାଏ ତେବେ ଏପରି ଅହମଦି ହେବାର କୌଣସି ମୂଲ୍ୟ ନାହିଁ । ତାହା ମୂଲ୍ୟହୀନ ଓ ନିରର୍ଥକ ଅଟେ । ତେଣୁ ନିଜର ଅହଂଭାବକୁ ମୂଳପୋଛ କରିବା ସଙ୍ଗେ ସଙ୍ଗେ ନିଜର ଆତ୍ମବଡ଼ିମା ଏବଂ କାମନା ଠାରୁ ଦୂରେଇବାକୁ ପଡ଼ିଥାଏ । ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ ଯେ,ବୈଅତ କରିବା ସମୟରେ ପ୍ରତିଶ୍ରୁତି, ପ୍ରତିବଦ୍ଧତା ଓ କାର୍ଯ୍ୟାନୁସରଣରେ ଅନେକ ତାରତମ୍ୟ ରହିଥାଏ । ତେଣୁ ତୁମେ ଜାଣିରଖ ଯେ, ତୁମ କଥାରେ ଏହା କେତେ ବଡ଼ ତାରତମ୍ୟ ଓ କେତେ ବଡ଼ ବିପରୀତାତ୍ମକ କଥା ପରିଲକ୍ଷିତ ହେଉଅଛି । ଯଦି ତୁମେ ଈଶ୍ୱରଙ୍କ ସହ ପାର୍ଥକ୍ୟ ବା ଅନ୍ତର ରଖ ତେବେ ସେ ମଧ ତୁମ ସହିତ ପାର୍ଥକ୍ୟ ବା ଅନ୍ତର ରଖିବେ । ସୁତରାଂ ତୁମେମାନେ ନିଜର ଇମାନ୍ (ବିଶ୍ୱାସ) ଏବଂ କର୍ମର ଅନୁଧ୍ୟାନ କରିବାର ଅବଶ୍ୟକତା ରହିଛି ଯେ,କ'ଣ ତୁମେମାନେ ନିଜ ଭିତରେ ଏପରି ପରିବର୍ତ୍ତନ ଏବଂ ପବିତ୍ରତା ଆଣିବାରେ ସଫଳ ହୋଇପାରିଛ କି ? ତୁମର ହୃଦୟ ଈଶ୍ୱରଙ୍କର ସ୍ୱର୍ଗ ହୋଇଯିବ ଏବଂ ତୁମେ ସେହି ଅଲୌକିକ ଈଶ୍ୱରଙ୍କର ଛତ୍ରଛାଜୟା ତଳକୁ ଚାଲିଆସିବ ଏବଂ ଆଶ୍ରୟ ନେବ । ହୁଜ଼ୁର୍ ଅ.ସ କହିଲେଯେ, ମୁଁ ତୁମମାନଙ୍କୁ ବାରମ୍ବାର ଉପଦେଶ ଦେଇ କହୁଛି ଯେ,ତୁମେମାନେ ଏଭଳି ପବିତ୍ର ଏବଂ ସଚ୍ଚୋଟ ବ୍ୟକ୍ତି ହୋଇଯାଅ ଯେପରି ସାହାବା ର.ଅ ନିଜ ଭିତରେ ପରିବର୍ତ୍ତନ ଓ ଉନ୍ମାଦନା ଆଣିପାରିଥିଲେ । ସେମାନେ କେବଳ ଗୋଟିଏ ବର୍ଷର ଶତ୍ରୁତାକୁ ନୁହେଁ ବରଂ ଅତୀତ ପିଢୀମାନଙ୍କର ଶତ୍ରୁତାକୁ କେବଳ ଈଶ୍ୱରଙ୍କର ସାନ୍ନିଧ

ଓ କରୁଣାଳାଭ ସକାଶେ ପ୍ରେମ, ସଦଭାବନା ଏବଂ ଭ୍ରାତୃତ୍ତ୍ୱପୂର୍ଣ୍ଣ ସୌହାର୍ଦ୍ଦ୍ୟରେ ପରିଣତ କରିଥିଲେ । ଯେତେବେଳେ ସେମାନେ ଶିରକ୍ ଠାରୁ ତୌବା (ଅନୁତାପ) କଲେ ସେତେବେଳେ ସେମାନେ ସୂକ୍ଷ୍ମାତିସୂକ୍ଷ୍ମ ଗୁପ୍ତ ଶିରକ ଠାରୁ ମଧ୍ୟ ତୌବା (ଅନୁତାପ) କଲେ । ଗୁପ୍ତ ଶିରକ୍ କ'ଣ ? ଏ ସଂକ୍ରାନ୍ତରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ ଅଧିକ ବ୍ୟାଖ୍ୟା କରି ଏହା ଉଲ୍ଲେଖ କରିଛନ୍ତି ଯେ,ଶିରକରୁ କେବଳ ଏତିକି ଅଭିପ୍ରାୟ ନୁହେଁ ଯେ,ଶିଳା ବା ପଥର ମୂର୍ତ୍ତିର ଉପସନା କରିବା । ବରଂ କାରଣ ସମୂହ, ଉପକରଣ ଏବଂ ଦ୍ରବ୍ୟ ବସ୍ତୁର ଉପାସନା କରିବା ମଧ୍ୟ ଏକପ୍ରକାରର ଶିରକ୍ ଅଟେ । ଆଁହଜ଼ରତ୍ ସ.ଅ କହିଲେ ଯେ, କର୍ମରେ ଆଡମ୍ବରତାର ସାହାଯ୍ୟ ନେବା ଏକ ଲୋକଦେଖାଣିଆ କର୍ମ ଅଟେ । ସେହିପରି ଗୁପ୍ତ କାମନା ଏବଂ କାମବାସନାରେ ନିଜକୁ ଲିପ୍ତ କରିବା ଏହା ମଧ୍ୟ ଏକପ୍ରକାରର ଶିରକ୍ ଅଟେ । ଯଦି କୌଣସି ବ୍ୟକ୍ତି ଧର୍ମୀୟ ଆଦେଶକୁ ପଦ ଦଳିତ କରି (ଅର୍ଥାତ୍ ଅବମାନନା କରି) ସଂସାରର ସୁଖସ୍ୱାଚ୍ଛନ୍ଦ୍ୟର ଲାଳସାକୁ ପୂର୍ଣ୍ଣ ବା ଚରିତାର୍ଥ କରିବା ପାଇଁ ପ୍ରୟାସ କରେ । ତେବେ ସେହି ବ୍ୟକ୍ତି ମଧ୍ୟ ପାପି ବା ଦୋଷୀ ଅଟେ । ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ ଯେ, ଏକେଶ୍ୱରବାଦର ଏହା ଅର୍ଥ ନୁହେଁ ଯେ, ମୁହଁରୁ **ଲା ଇଲାହା ଇଲ୍ଲଲ୍ ଲାହୁ** କହିଦେବା ଏବଂ ମନ ଭିତରେ ହଜାର ହଜାର ପିତୁଳା (ମୂର୍ତ୍ତି) କୁ ସ୍ଥାନ ଦେବା । ପ୍ରକୃତ ପକ୍ଷରେ କହିବାକୁ ଗଲେ ଯେଉଁ ବ୍ୟକ୍ତି ନିଜର କୌଣସି କାର୍ଯ୍ୟ, ଛଳ କପଟ, ଯୁକ୍ତି ଓ ଚେଷ୍ଟାକୁ ଈଶ୍ୱରଙ୍କ ସହିତ ସମକକ୍ଷ କରାଇ ଈଶ୍ୱରଙ୍କ ପରି ଏହି ପିତୁଳାମାନଙ୍କ ପ୍ରତି ସମ୍ମାନ ଜଣାଏ ଅଥବା ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉପରେ ଆସ୍ଥା ସ୍ଥାପନ କରେ କିମ୍ବା ଯେଉଁ ସମ୍ମାନ ଈଶ୍ୱରଙ୍କୁ ଦେବା ଉଚିତ୍ ତାହା ନଦେଇ ସେ ନିଜର ଆତ୍ମସ୍ୱାର୍ଥକୁ ଓ କାମବାସନାକୁ ସମ୍ମାନ ଦିଏ, ତେବେ ସେହି ପରିପ୍ରେକ୍ଷୀରେ ସେହି ବ୍ୟକ୍ତି ଈଶ୍ୱରଙ୍କ ନିକଟରେ ମୂର୍ତ୍ତି ଉପାସକକାରୀ ରୂପେ ବିବେଚିତ ହେବ । ଜଣେ ବ୍ୟକ୍ତି ମୋତେ କହିଲା ଯେ,ଲୋକମାନେ ଉପସ୍ଥିତ ଖଲିଫାଙ୍କୁ ନିଜ ହୃଦୟୟରେ ଏତେ ମାହାତ୍ମ୍ୟ ବା ସର୍ବୋଚ୍ଚ ସ୍ଥାନ ଦେଇଥାଆନ୍ତି ଯାହାକି ଶିରକ୍ ସଙ୍ଗେ ସମାନ ଅଟେ । ସେହି ଲୋକମାନେ ଏହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ସାରିଲେଣି ଯେ,ସେମାନେ ଏପରି କହିବାକୁ ପାଛାଉ ନାହାନ୍ତି । ସୁତରାଂ ଏତଦ୍ୱାରା ଏହା ସ୍ପଷ୍ଟ ହେଉ ଯେ,ହଜ଼ରତ୍ ମସିହ୍ ମଉଦ୍ ଅ.ସ ଆଁହଜ଼ରତ୍ ସ.ଅଙ୍କ ସେବକ ରୂପେ ସଂସାରରେ ସମସ୍ତ ଶିରକକୁ ମୂଳୋତ୍ପାଟନ କରିବା ନିମନ୍ତେ ଅବତରିତ ହୋଇଥିଲେ । ତେଣୁ ଏହା ଆଦୌ ସମ୍ଭବ ନୁହେଁ ଯେ,ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରକୃତ ଖିଲାଫତ୍ କୌଣସି ପ୍ରକାରର ଶିରକକୁ ପ୍ରଶୟ ଦେଇ ତାହାର ପ୍ରଚାର ପ୍ରସାର ଏବଂ ଅଭିବୃଦ୍ଧିରେ ସହାୟକ ହେବେ । ତାହା କଦାପି ହୋଇପାରିବ ନାହିଁ । ବରଂ ଖିଲାଫତର ସର୍ବପ୍ରଥମ କର୍ତ୍ତବ୍ୟ ହେଲା ଯେ,ଶିରକର ମୂଳୋତ୍ପାଟନ କରି ଭୂପୃଷ୍ଠରେ ଏକେଶ୍ୱରବାଦ ସ୍ଥାପନ କରିବା । ସୁତରାଂ ଏହି ମିଶନକୁ ସାର୍ଥକ ଓ ସଫଳ କରିବା ପାଇଁ ଅଲ୍ଲାଃତାଲା ହଜ଼ରତ୍ ମସିହ୍ ମଉଦ୍ ଅସଙ୍କୁ ପ୍ରେରଣ କରିଥିଲେ । ସୁତରାଂ ଖିଲାଫତର ସମ୍ମାନ ରକ୍ଷା କରିବା ଉପସ୍ଥିତ ଖଲିଫାଙ୍କର ଦାୟୀତ୍ତ୍ୱ ଏବଂ କର୍ତ୍ତବ୍ୟ ଅଟେ । ସେହି ଦାୟୀତ୍ତ୍ୱକୁ ନିଶ୍ଚିତରୂପେ ସେ ନିର୍ବାହ କରିବେ । କାରଣ ଅଲ୍ଲାଃତାଲଙ୍କ ପ୍ରତିଶୃତି ଓ ଆଁହଜ଼ରତ୍ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଖିଲାଫତ୍ ମାଧ୍ୟମରେ ହିଁ ଭୂପୃଷ୍ଠରେ ଏକେଶ୍ୱରବାଦ ସଂସ୍ଥାପନ ଓ ପ୍ରଚାର ପ୍ରସାର ହୋଇପାରିବ । ତେବେଯାଇ ଶିରକର ମୂଳୋତ୍ପାଟନ ସମ୍ଭବ ହୋଇପାରିବ । ତେଣୁ କେତେକ ଅପରିପକ୍ୱ ବ୍ୟକ୍ତିଙ୍କ ମସ୍ତିଷ୍କରେ ଏପରି କୁତ୍ସିତ ଚିନ୍ତାଧାରା ଜନ୍ମିବା ସଂସ୍କାରରେ ହ୍ରାସ ଯୋଗୁଁ ହିଁ ଉତ୍ପନ୍ନ ହୋଇଥାଏ । ତେଣୁ ସେହି ବ୍ୟକ୍ତିମାନଙ୍କୁ ମସ୍ତିଷ୍କରୁ ଏଭଳି ଚିନ୍ତାଧାରା ବାହାର କରିଦେବା ଉଚିତ୍ ।

ଏକେଶ୍ୱରବାଦ ସ୍ଥାପନର ପ୍ରଚେଷ୍ଟା ଏବଂ ଶିରକ୍ ଠାରୁ ନିଜର ଅନୁଗାମୀମାନଙ୍କୁ ପବିତ୍ର କରିବାର ମୁଖ୍ୟ କାର୍ଯ୍ୟ ପରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ ଆମମାନଙ୍କର ଯେଉଁ ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ ଯେଉଁଥିପାଇଁ ଆମମାନଙ୍କର ବୈଅତ୍ (ଧର୍ମଦୀକ୍ଷା) ଗ୍ରହଣ କରିଛନ୍ତି । ଏଥିସହିତ ମିଥ୍ୟା ଓ ମନ୍ଦ ଆଚରଣରୁ ମଧ୍ୟ ନିଜକୁ ଦୂରେଇ ରଖିବା ପାଇଁ ଉପଦେଶ ମଧ୍ୟ ଦେଇଛନ୍ତି । ଅଲ୍ଲାଃତାଲା କୁରାନେ କରିମରେ ଉଲ୍ଲେଖ କରନ୍ତି ଯେ,**ଫଜତନବୁ ମିନଲ୍ ଅସାନ ଵଜତନବୁ କୌଲଜ୍ ଜୁରେ (ସୁରତୁଲ୍ ହଜ୍:31) ଅର୍ଥାତ୍ "ତେଣୁ ତୁମେମାନେ ପିତୁଳା ପୂଜାରୁ ନିଜକୁ ରକ୍ଷା କର ଓ ମିଥ୍ୟା କହିବାରୁ ନିଜକୁ ନିବୃତ୍ତ କର"।** ହଜ଼ରତ୍ ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରନ୍ତି ଯେ,କୋରାନେ କରିମ୍ ମଧ୍ୟ ମିଥ୍ୟାକୁ ଏକପ୍ରକାରର ଅପବିତ୍ର ଆଧ୍ୟାତ୍ମିକ ଆବର୍ଜନା ରୂପେ ବିବେଚିତ କରିଅଛି । ଦେଖ ଏଠାରେ କିଭଳି ମିଥ୍ୟାକୁ ପିତୁଳା ବିପକ୍ଷରେ ରଖାଯାଇଛି । ପ୍ରକୃତ ପକ୍ଷରେ କହିବାକୁ ଗଲେ ମିଥ୍ୟା ମଧ୍ୟ ଏକପ୍ରକାରର ପିତୁଳା ଅଟେ । ଅନ୍ୟଥା ମନୁଷ୍ୟ କାହିଁକି ସତ୍ୟକୁ ଛାଡ଼ି ମିଥ୍ୟାର ସାହାଯ୍ୟ ନେଉଛି ।

ମିଥ୍ୟା ମଧ୍ୟ ଏକ ପିତୁଳା ବା ମୂର୍ତ୍ତି ଅଟେ । ତେଣୁ ଯେଉଁ ବ୍ୟକ୍ତି ଏହି ପିତୁଳା ଉପରେ ଭରସା ବା ଆସ୍ଥା ସ୍ଥାପନ କରେ ସେ ଈଶ୍ୱରଙ୍କ ଉପରେ ଆଉ ଭରସା କରି ନଥାଏ । ତେଣୁ ମିଥ୍ୟା (ମିଛ) କହିବା ଦ୍ୱାରା ଈଶ୍ୱର ମଧ୍ୟ ଭକ୍ତ ଠାରୁ ଦୂରେଇ ଯାଇଥାଆନ୍ତି । ହୁଜୁରେ ଅନୱର୍ କହିଲେ : ଯଦି ତୁମେ ଏକେଶ୍ୱରବାଦର ଦାବି କରୁଛ, ଈଶ୍ୱରଙ୍କୁ ଉପାସନା କରିବାର ଦାବି କରୁଛ ସେହିପରି ପ୍ରକୃତ ମୁସଲମାନ ବୋଲାଇବାର ଦାବି କରୁଛ ତେବେ ତୁମେମାନେ ସର୍ବପ୍ରଥମେ ମିଥ୍ୟାକୁ ଓ ମିଥ୍ୟା କଥନକାରୀକୁ ନିଜ ଭିତରୁ ନିଷ୍କାସିତ କରିବାକୁ ପଡ଼ିବ । କେତେକ ଲୋକମାନେ ସାମାନ୍ୟ କଥାକୁ ତ୍ରୁଟିପୂର୍ଣ୍ଣ ଛଳରେ ଅନ୍ୟ ଆଗରେ ଉପସ୍ଥାପନ କରନ୍ତି । ତେଣୁ ଏହା ଜଣେ ମୋମିନର ଲକ୍ଷଣ ନୁହେଁ । ଏହାର ଅର୍ଥ ଏହା ନୁହେଁ ଯେ,କେତେକ ଛୋଟ ଛୋଟ ତ୍ରୁଟିପୂର୍ଣ୍ଣ କଥା ଗୁଡ଼ାକ ମିଥ୍ୟା ନୁହେଁ । ଆଁହଜ଼ରତ୍ ସ.ଅ କହିଲେ ଯେ,ଯେଉଁ ବ୍ୟକ୍ତି କୌଣସି ଛୋଟପିଲାକୁ ଏହା କହେ ଯେ,ମୋ ପାଖକୁ ଆସ ମୁଁ ତୁମକୁ କିଛି ଦେବି । ତେଣୁ ଯଦି ସେ ସେହି ଛୋଟ ପିଲାକୁ କିଛି ନଦିଏ । ତେବେ ତାହା ମଧ୍ୟ ମିଥ୍ୟାରେ ଗଣନା କରାଯିବ । ତେଣୁ ଏପରି ଥଟ୍ଟା ମଧ୍ୟ ବେଳେବେଳେ ମିଛ ବା ମିଥ୍ୟା ହୋଇଥାଏ । ପୁନଶ୍ଚ ଆଁହଜ଼ରତ୍ ସ.ଅ କହିଲେ ଏହି ମିଥ୍ୟା ପାପ ଏବଂ କୁକର୍ମ ଆଡ଼କୁ ପଥପ୍ରଦର୍ଶନ କରେ ଏବଂ ଏହି ପାପ ଓ କୁକର୍ମ ବା ଅପକର୍ମ ପୁଣି ନର୍କଗାମୀ କରାଇଥାଏ ।

ପୁନଶ୍ଚ ହଜ଼ରତ୍ ମସିହ୍ ମଉଦ୍ ଅ.ସ ବିଶେଷରୂପେ ମିଥ୍ୟା ଠାରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଛନ୍ତି ଏବଂ ଏଥି ସହିତ ସେ ଶରାୟତେ ବୈଅତରେ ଏହି ମିଥ୍ୟାକୁ ସେ ବ୍ୟଭିଚାର (ବଳାତ୍କାର) ବୋଲି କହିଛନ୍ତି ବା ତୁଳନା କରିଛନ୍ତି । ହୁଜୁର୍ ଅ.ସ କହିଲେ ଅଲ୍ଲାଃତାଲା କହନ୍ତି ଯେ,**ୱଲା ତକ୍ରବୁଜ୍ ଜ଼ିନା (ସୁରାଃ ବନି ଇସ୍ରାଇଲ୍:33) ଅର୍ଥାତ୍ (ତୁମେମାନେ) ବ୍ୟଭିଚାର ନିକଟବର୍ତ୍ତୀ (ମଧ୍ୟ) ହୁଅ ନାହିଁ ; ବାସ୍ତବରେ ତାହା ପ୍ରକାଶ୍ୟ ଅଶ୍ଳୀଳତା ଓ ଅତ୍ୟନ୍ତ ମନ୍ଦ ପଥ ଅଟେ** । ଅର୍ଥାତ୍ ଏପରି ଉତ୍ସବ ବା ପର୍ବରେ ଶାମିଲ୍ ହୁଅ ନାହିଁ । ତହିଁରୁ ନିଜକୁ ସର୍ବଦା ଦୂରେଇ ରଖ । ଯହିଁରୁ ମନ ଭିତରେ ଏହା ପ୍ରତୀୟମାନ ହେବ ଯେ, ତାହା ଅଶ୍ଳୀଳ । ସେହିପରି ହୁଜୁର୍ ଅ.ସ କହିଲେ ଯେ, ସେହି ପଥକୁ ମଧ୍ୟ ଅନୁସରଣ କର ନାହିଁ ଯାହାକି ତୁମକୁ ଅଶ୍ଳୀଳ ଓ ପାପ ପ୍ରକାଶ୍ୟ ହେବ । ହୁଜୁରେ ଅନୱର୍ କହିଲେ ସାଂପ୍ରତିକ ଯୁଗରେ ଟେଲିଭିଜନ୍, ଇଣ୍ଟରନେଟ୍ ଉପଲବ୍ଧ ଅଛି । ଯହିଁରେ ଏପରି ଅଶ୍ଳୀଳ ଚଳଚ୍ଚିତ୍ରର ପ୍ରସାରଣ କରାଯାଉଛି ଯେଉଁଥିରେ ସାର୍ବଜନୀନ ରୂପେ ଅଶ୍ଳୀଳତା ଏବଂ ନଗ୍ନତା ପ୍ରଦର୍ଶିତ ବା ପ୍ରସାରିତ ହେଉଛି । ତେଣୁ ଏଭଳି ଅଶ୍ଳୀଳତାରୁ ନିଜକୁ ସୁରକ୍ଷିତ ତଥା ଦୂରେଇ ରଖବା ପ୍ରତ୍ୟେକ ଅହମଦିର କର୍ତ୍ତବ୍ୟ ଅଟେ । ଏହି କାରଣ ଯୋଗୁଁ ଅନେକ ଘରମାନଙ୍କରେ କଳହ ଦେଖାଦେଇଛି ଏବଂ ଘର ଭାଙ୍ଗି (ଉଜୁଡ଼ି) ଯାଇଛି ବା ଭଙ୍ଗିବାକୁ ଯାଉଛି । ଏହାର କାରଣ ହେଲା ଯେ,ସ୍ୱାମୀ ବସି ଘରେ ଅଶ୍ଳୀଳ ଚଳଚ୍ଚିତ୍ର ଦେଖୁଛି ବା ଇଣ୍ଟରନେଟରେ ବସି ଅଶ୍ଳୀଳ ଚଳଚ୍ଚିତ୍ର ଦେଖୁଛି । ଯଦ୍ୱାରାକି ତାହା ମନଭିତରେ (ଅର୍ଥାତ୍ ସେହି ସ୍ତ୍ରୀର ସ୍ୱାମୀ ମନ ଭିତରେ) କୁତ୍ସିତ ଚିନ୍ତାଧାରା ସୃଷ୍ଟି ହେଉଛି । ଏହି କାରଣ ଯୋଗୁଁ ଅନେକ ଯୁବପିଢୀ ଏହି ଅଶ୍ଳୀଳ, କୁତ୍ସିତ ଓ ନଗ୍ନ ଚଳଚ୍ଚିତ୍ର ଦେଖି ନଷ୍ଟ ହେଉଛନ୍ତି ଏବଂ କୁଜନମାନଙ୍କ ସଙ୍ଗରେ ପଡ଼ି ନିଜ ଜୀବନ ଓ ଭିବଷ୍ୟତକୁ ସଂକଟାପନ୍ନ କରି ନଷ୍ଟ କରୁଛନ୍ତି । ସୁତରାଂ ଜଣେ ଅହମଦିକୁ ସର୍ବଦା ଏପରି ଅଶ୍ଳୀଳ ଓ ନଗ୍ନ ଚଳଚ୍ଚିତ୍ର ଓ କୁଜନମାନଙ୍କ ଠାରୁ ନିଜକୁ ନିବୃତ୍ତ ତଥା ଦୂରେଇ ରଖିବା ଉଚିତ୍ ।

ପୁନଶ୍ଚ ହଜ଼ରତ୍ ମସିହ୍ ମଉଦ୍ ଅ.ସ ଜେଣେ ପ୍ରକୃତ ଅହମଦି ହେବା ପାଇଁ ପ୍ରତ୍ୟେକ ଅନ୍ୟାୟ, ଅତ୍ୟାଚାରରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଶେଷରୂପେ ଧ୍ୟାନାକର୍ଷଣ କରିଛନ୍ତି । ହୁଜୁର୍ ଅ.ସ କହିଲେ ଯେ,ଯଦି ତୁମେମାନେ ମୋ ସହିତ ସମ୍ବନ୍ଧ ରଖିବାକୁ ଚାହୁଁଛ ତେବେ ତୁମେମାନେ ନିଜ ମନ ଭିତରେ କୌଣସି ପ୍ରକାରର ଅନ୍ୟାୟ, ଅତ୍ୟାଚାର,ପୀଡ଼ା ପରି ଚିନ୍ତାଧାରାକୁ ପ୍ରଶୟ ଦିଅ ନାହିଁ ବା ଜନ୍ମିବାକୁ ଦିଅ ନାହିଁ । ଏକଦା ଆଁହଜ଼ରତ୍ ସ.ଅଙ୍କୁ ପ୍ରଶ୍ନ କରାଗଲା ଯେ,ହେ ରସୁଲୁଲ୍ଲାହ୍ ! ସବୁଠୁ ବଡ଼ ଅନ୍ୟାୟ କ'ଣ ? ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ କହିଲେ ଯେ,ସବୁଠୁ ବଡ଼ ଅନ୍ୟାୟ ହେଲା ଯେ,କୌଣସି ବ୍ୟକ୍ତି ନିଜ ଭାଇର ଅଧିକୃତ ଜମିରୁ ଗୋଟିଏ ହାତ ଜମି ହାତେଇ ନେଇ ନିଜର ଦାବି ଉପସ୍ଥାପନ କରେ । ଅର୍ଥାତ୍ ସେହି ବିବାଦିତ ଜମି ଉପରେ ନିଜର ନିୟନ୍ତ୍ରଣ ଜାହିର କରେ । ତେଣୁ ଅନ୍ୟର ଅଧିକାର ଉପରେ ନିଜର ନିୟନ୍ତ୍ରଣ ଜାହିର କରିବା ମଧ୍ୟ ଏକ ବଡ଼ ପାପ ବା ଅନ୍ୟାୟ ଅଟେ । ଆମେମାନେ ଅଣମୁସଲମାନମାନଙ୍କ ଆଗରେ ଇସଲମାର ସୁଶିକ୍ଷା ସଂପର୍କରେ ଆଲୋଚନା କରି କହୁ ଯେ,ଇସଲାମ ଧର୍ମରେ ମାନବଧିକାରର ଦାୟୀତ୍ୱ ନିର୍ବାହ ପାଇଁ ସୋର୍ବୋତ୍କୃଷ୍ଟ ଶିକ୍ଷା ଉଲ୍ଲିଖିତ ଅଛି । ଇସଲାମ୍ ଧର୍ମ ଅନ୍ୟର ଅଧିକାରକୁ ଛିନ୍ନ କରିବା ଅପେକ୍ଷା ତାହାକୁ (ଅର୍ଥାତ୍ ସେହି ବ୍ୟକ୍ତିକୁ) ତାହାର ଅଧିକାର ଓ ସ୍ୱାତନ୍ତ୍ର୍ୟତା ପ୍ରଦାନ କରିଥାଏ । ଇସାଲମ୍ ଏଥିପ୍ରତି ସଚେତିତ ଓ ଧ୍ୟାନ ଆକର୍ଷଣ ମଧ୍ୟ କରିଥାଏ । ଆମେମାନେ ତ ଆଗକୁ ଆଗକୁ ବଢି ଲୋକମାନଙ୍କୁ ଏହି କଥା ମଧ୍ୟ କହିଥାଉ ଯେ,ଯଦି ଆମମାନଙ୍କର କର୍ମ ଇସଲାମୀୟ ଶିକ୍ଷାନୁଯାୟୀ ନୁହେଁ ତେବେ ଆମେମାନେ ଦୋଷୀ ଏବଂ ପାପୀ, ମିଥ୍ୟାକାରୀ ଅଟୁ । ସୁତରାଂ ଉପରୋକ୍ତ କଥା ପ୍ରତି ପ୍ରତ୍ୟେକ ଅହମଦିକୁ ସୂକ୍ଷ୍ମାତିସୂକ୍ଷ୍ମ ଓ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ହୁଜୁରେ ଅନୱର୍ କହିଲେ ଯେ,ଜଣେ ମୋମିନର (ବିଶ୍ୱାସକାରୀର) ଅଲ୍ଲାଃତାଲାଙ୍କର ଉପାସନା କରିବା ଏକ ପ୍ରମୁଖ ସର୍ତ୍ତ ହେବା ଉଚିତ୍ । କାରଣ ଅଲ୍ଲାଃତାଲା ମନୁଷ୍ୟମାନଙ୍କୁ ନିଜର ଉପାସନା ସକାଶେ ସୃଷ୍ଟି କରିଛନ୍ତି ବୋଲି ନିଜର ଆଭିମୁଖ୍ୟ ରଖିଛନ୍ତି । ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ,ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଜମାଅତରେ ଅନ୍ତର୍ଭୁକ୍ତ କରୁଛ ତୁମେମାନ ସେତେବେଳେ ନିଜକୁ ଆକାଶଲୋକରେ ମୋ ଜମାଅତରେ ଅନ୍ତର୍ଭୁକ୍ତ କରିପାରିବ ଯେତେବେଳେ ବାସ୍ତବରେ ତୁମେମାନେ ତକ୍ୱାର ମାର୍ଗରେ ନିଜକୁ ଅଗ୍ରସର କରିବ । ତେଣୁ ତୁମେମାନେ ନିଜର ପାଞ୍ଚବେଳା ନମାଜ଼କୁ ଏପରି ଭୟ ଓ ଆତୁର ହୋଇ ପାଠ କର ଯେପରି ତୁମେମାନେ ଈଶ୍ୱରଙ୍କୁ ନିଜ ସମ୍ମୁଖେର ଦେଖୁଅଛ । ପୁନଶ୍ଚ ହୁଜୁର୍ ଅ.ସ କହିଲେ ପ୍ରତ୍ୟେକ ମୁସଲମାନ ଉପରେ ନମାଜ୍ ପାଠ କରିବା ବାଧ୍ୟତାମୂଳକ କରି ଦିଆଯାଇଛି । କାରଣ ଆଁହଜ଼ରତ୍ ସ.ଅଙ୍କ ନିକଟକୁ ଏକ ଗୋଚରାଳିଦଳ ଉପସ୍ଥିତ ହେଲା ଏବଂ ଏହା ଅନୁମତି ଚାହିଁଲା ଯେ,ହେ ରସୁଲୁଲ୍ଲାଃ ! ଆମେମାନଙ୍କ ପାଇଁ ନମାଜ୍ ଛାଡ଼ କରିଦିଆଯାଉ । କାରଣ ଆମମାନଙ୍କର ପୋଷାକପରିଚ୍ଛନ୍ନ ଅପରିଷ୍କାର ଓ ଅପବିତ୍ର ହୋଇଯାଉଛି । ଆମମାନଙ୍କୁ ନମଜ୍ ପାଠ କରିବା ପାଇଁ ସମୟ ମିଳୁ ନାହିଁ ବା ଆମାମାନଙ୍କ ପାଖରେ ନମାଜ୍ ପଢିବା ପାଇଁ ସମୟ ନାହିଁ । ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ କହିଲେ ଦେଖ ! ଯଦି ତୁମ ନିକଟରେ ନମାଜ଼ର କୌଣସି ମୂଲ୍ୟ ନାହିଁ ତେବେ ସବୁ ନିରର୍ଥକ ବା ମୂଲ୍ୟହୀନ ଅଟେ । ଯେଉଁ ଧର୍ମରେ ନମାଜ୍ ନାହିଁ ସେହି ଧର୍ମ ଧର୍ମ ବୋଲି ବିବେଚିତ ହୋଇପାରିବ ନାହିଁ । ନମାଜ୍ କ'ଣ ? ଅର୍ଥାତ୍ ଏହା ହିଁ ଯେ,ନିଜର ନମ୍ରତା, ଭକ୍ତି ଏବଂ ଦୋଷଦୁର୍ବଳତାକୁ ଈଶ୍ୱରଙ୍କ ଆଗରେ ଉପସ୍ଥାପିତ କରିବା ଏବଂ ସମସ୍ତ ଆବଶ୍ୟକତାର ପରିପୂରଣ ନିମନ୍ତେ ଈଶ୍ୱରଙ୍କୁ ହିଁ ମାଗିବା। ହଜ଼ରତ୍ ମସିହ୍ ମଉଦ୍ ଅ.ସ ସ୍ୱଷ୍ଟରୂପେ ଉଲ୍ଲେଖ କରିଛନ୍ତି ଯେ,ଜୀବଜନ୍ତୁ ଏବଂ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟକାରୀ ବସ୍ତୁ ଅଲ୍ଲାଃତାଲାଙ୍କର ଉପାସନା ଓ ନମାଜ୍ ଅଟେ । ହୁଜୁରେ ଅନୱର୍ କହିଲେ ଯେ,ମୁଁ ଅନେକ ଥର ଏଥିପ୍ରତି ଧ୍ୟାନାକର୍ଷଣ କରିଅଛି ଯେ,ଯଦି ନମାଜ୍ ସେଣ୍ଟର ଦୂରରେ ଅବସ୍ଥିତ ତେବେ କେତେକ ପାଖାପାଖି ଘରର ଲୋକମାନେ ପରସ୍ପର ମିଳିମିଶି ଏକତ୍ର ହୋଇ ଗୋଟିଏ ଜାଗା ଚିହ୍ନଟ କରନ୍ତୁ ଯେଉଁଠି ନମାଜ୍ ପାଠ କରାଯାଇପାରିବ । ଏହାଦ୍ୱାରା ନମାଜେ ବାଜମାତର ପୁଣ୍ୟ ମିଳିବା ସଙ୍ଗେସଙ୍ଗେ ନମାଜ୍ ପାଠ ପ୍ରତି ଲୋକମାନଙ୍କର

ଧ୍ୟାନ ମଧ୍ୟ କେନ୍ଦ୍ରୀଭୂତ ହୋଇପାରିବ । ସେହିପରି ଆଗାମୀ ବଂଶଧରମାନଙ୍କର ମଧ୍ୟ ସଂସ୍କାର ହେଇପାରିବ । ନମାଜ଼ର ମହତ୍ତ୍ୱ ସଂପର୍କରେ ଆଁହଜ଼ରତ୍ ସ.ଅ ଏପରି ନିର୍ଦ୍ଦେଶ ଦେବା ଆମମାନଙ୍କର ହୃଦୟକୁ ଦୋହୋଲାଇ ଦେଇଛି । ହୁଜୁର୍ ସ.ଅ ବର୍ଣ୍ଣନା କରନ୍ତି ଯେ, ବିଚାର ଦିବସ ବେଳେ ଭକ୍ତମାନଙ୍କ ଠାରୁ ଯେଉଁ ବସ୍ତୁର ହିସାବ ନିଆଯିବ ତାହା ନମାଜ୍ ଅଟେ । ଯଦି ଏହି ହିସାବଟି ଠିକ୍ ରୁହେ ତେବେ ତୁମେମାନେ ଜଣିରଖ ଯେ,ତୁମେମାନଙ୍କୁ ମୋକ୍ଷ ମିଳିଲା । କିନ୍ତୁ ଯଦି ଏହି ହିସାବଟି ଭୁଲ୍ ହୁଏ ତେବେ ତୁମେମାନେ ଜାଣିରଖ ଯେ,ତୁମେମାନେ ଅକୃତକାର୍ଯ୍ୟ, ଅସଫଳ ଅର୍ଥାତ୍ ନର୍କଗାମୀ ହେବ । ଅଲ୍ଲାଃତାଲା ପ୍ରତ୍ୟେକ ଅହମଦିଙ୍କୁ ଏହି ଅଧିକାର ଓ ଏହି ଦାୟୀତ୍ତ୍ୱ ନିର୍ବାହ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ହୁଜୁରେ ଅନୱର୍ କହିଲେ ଯେ,ଆମମାନଙ୍କୁ ନଫିଲ୍ ନମାଜ୍ ଏବଂ ତହଜ୍ଜୁଦ୍ ନମାଜ୍ ପ୍ରତି ମଧ୍ୟ ବିଶେଷରୂପେ ଧ୍ୟାନ ଦେବା ଉଚିତ୍ । କାରଣ ଅଲ୍ଲାଃତାଲା ଉଲ୍ଲେଖ କରିଛନ୍ତି ଯେ,ଯଦି ତୁମମାନଙ୍କର ଫରଜ୍ ନମାଜ଼ରେ କୌଣସି ତ୍ରୁଟି ରହିଯାଏ । ତେବେ ନଫିଲ୍ ନମାଜ୍ ମାଧ୍ୟମରେ ତାହା ପୂରଣ କରି ଦିଆଯାଇଥାଏ ।

ହୁଜୁରେ ଅନୱର୍ କହିଲେ ଯେ,ଆଉ ଏକ ଅତ୍ୟାବଶ୍ୟକୀୟ କଥା ଯେଉଁ କଥାକୁ ପ୍ରତ୍ୟେକ ଅହମଦିକୁ ଧ୍ୟାନ ରଖିବା ଉଚିତ୍ ଏବଂ ତାହା ହେଉଛି ଯେ,ଅଲ୍ଲାଃତାଲାଙ୍କ ଠାରୁ ନିଜର ପାପ ପାଇଁ ଅନୁତପ୍ତ ହୋଇ କ୍ଷମାଯାଚନା କରିବା ପ୍ରତି ସର୍ବଦା ଧ୍ୟାନ ଦେବା ଉଚିତ୍ । ଆଁହଜ଼ରତ୍ ସ.ଅ ବର୍ଣ୍ଣନା କଲେ ଯେ,ଅଲ୍ଲାଃତାଲା ଏତେ ନିର୍ଦ୍ଦୟ ନାହାନ୍ତି ଯେ,ଲୋକମାନଙ୍କୁ କେବଳ ଶାସ୍ତି ଦେବେ ଯେତେବେଳେ କି ସେମାନେ ଇସ୍ତେଗଫାର୍ (ଅନୁତାପ) କରନ୍ତି । ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କଲେ ଯେ,ଆଜିର ଯେଉଁ ସାଂପ୍ରତିକ ଯୁଗ ରହିଛି କୁରାନେ କରିମର ଏହି ଦୁଆ ସର୍ବଦା ପଢୁଥିବା ଦରକାର ଯେ, **ରବ୍ବନା ଜ୍ୱଲମନା ଅନଫୁସନା ୱଇନ୍ ଲମ୍ ତଗଫିର୍ ଲନା ୱ ତରହମନା ଲ ନକୁନନ୍ନା ମିନଲ୍ ଖାସିରନ୍(ସୁରତୁଲ୍ ଆରାଫ୍:24) ଅର୍ଥାତ୍ "ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ନିଜ ନିଜ ଉପରେ ଅତ୍ୟାଚାର କରିଅଛୁ ; ଏବଂ ଯଦି ତୁମ୍ଭେ ଆମ୍ଭମାନଙ୍କୁ କ୍ଷମା ନ କରିବ ଓ ଆମ୍ଭେମାନଙ୍କ ପ୍ରତି କରୁଣା ନ କରିବ, ତେବେ ଆମ୍ଭେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ । "** ହଜ଼ରତ୍ ମସିହ୍ ମଉଦ୍ ଅ.ସ ନିଜର ଅନୁଚର ଓ ଅନୁଗାମୀମାନଙ୍କ ନିମନ୍ତେ ଯେଉଁ ସର୍ବନିମ୍ନ ସର୍ତ୍ତାବଳୀ ଉଲ୍ଲେଖ କରିଛନ୍ତି । ତାହାହେଲା ଯେ,ସେହି ଲୋକମାନେ (ଅର୍ଥାତ୍ ବିଶ୍ୱାସକାରୀମାନ) ଭକ୍ତମାନଙ୍କର ଅଧିକାରକୁ ସଠିକରୂପେ ନିର୍ବାହ କରନ୍ତୁ ଏବଂ ଅଲ୍ଲାଃତାଲାଙ୍କ ସୃଷ୍ଟ ପ୍ରାଣୀମାନଙ୍କର କୌଣସି ପ୍ରକାରର କ୍ଷତି ସାଧନ ନକର । ସେମାନେ ଏଥିରୁ ନିଜକୁ ନିବୃତ୍ତ ରଖନ୍ତୁ । ହୁଜୁରେ ଅନୱର୍ କହିଲେ ଯଦି ସମଗ୍ର ମୁସଲମାନ ଧର୍ମାବଲମ୍ବୀମାନେ ଏହି ସତ୍ୟକୁ ହୃଦୟଙ୍ଗମ କରି ନିଅନ୍ତେ ଏବଂ ଏହାକୁ ଅନୁସରଣ କରି ନିଅନ୍ତେ ଓ ମୁସଲମାନ ରାଷ୍ଟ୍ରମାନେ ଏହାକୁ ହୃଦୟଙ୍ଗମ କରି ନିଅନ୍ତି ତେବେ ଆଜିକାଲି ମୁସଲମାନ୍ ମୁସଲମାନ୍ ଉପରେ ଯେଉଁ ଅନ୍ୟାୟ ଓ ଅତ୍ୟାଚାର କରି ତାହାର ଧନଜୀବନର ହାନୀ ଘଟାଉଛି । ଯାହାଫଳରେ କି ହଜ଼ାର ହଜ଼ାର ଓ ଲକ୍ଷ ଲକ୍ଷ ପିଲାମାନେ ଅନାଥ ହୋଇଯାଉଛନ୍ତି । ଲକ୍ଷ ଲକ୍ଷ ନାରୀମାନେ ବିଧବା ହୋଇଯାଉଛନ୍ତି ଏବଂ ବୃଦ୍ଧାବସ୍ଥା ଲୋକମାନେ ଅଯଥା ଓ ଅକାଳରେ ନିଜର ପ୍ରାଣ ହରାଉଛନ୍ତି । ତାହା ନହୁଅନ୍ତା ।

ପୁନଶ୍ଚ ଆଉ ଏକ ମନ୍ଦ ଆଚରଣ ହେଲା ଅହଂକାର ଯହିଁରୁ ନିଜକୁ ନିବୃତ୍ତ ରଖିବା ପାଇଁ ଅଲ୍ଲାଃତାଲା ଆମମାନଙ୍କୁ କୁରାନେ କରିମରେ ଆଦେଶ ଦେଇଛନ୍ତି । ଆଁହଜ଼ରତ୍ ସ.ଅ ଏ ସଂକ୍ରାନ୍ତରେ ବିଶେଷ ରୂପେ ଧ୍ୟାନାକର୍ଷଣ କରିଛନ୍ତି । ଅତଃ ହୁଜୁର୍ ସ.ଅ କହିଲେ ଯେ,ଯେଉଁ ବ୍ୟକ୍ତିର ହୃଦୟରେ ତିଳେ ମାତ୍ରାର (ଅର୍ଥାତ୍ ଟିକିଏ ବି) ଗର୍ବ ଓ ଅହଂକାର ଥିବ ସେ କେବେହେଲେ ସ୍ୱର୍ଗଗାମୀ ହୋଇପାରିବ ନାହିଁ । ହୁଜୁରେ ଅନୱର୍ କହିଲେ ଯେ, ପ୍ରତ୍ୟେକ ଅହମଦି ଉପରୋକ୍ତ ଗର୍ବ ଓ ଅହଂକାର ଠାରୁ ନିଜକୁ ସୁରକ୍ଷିତ ଓ ନିବୃତ୍ତ ରଖିବା ପାଇଁ ଉଦ୍ୟମ କରିବା ଉଚିତ୍ । ଦୁଇ ଭିନ୍ନ ଭିନ୍ନ ଅବସରରେ ମୋ ସହିତ ସଭାରେ ଉପସ୍ଥିତ ଥିବା ବାଳିକାମାନଙ୍କ ତରଫରୁ ଏହି ଇଚ୍ଛାପ୍ରକାଶ ହେଲା ଯେ, ଜମାଅତରେ ଅନେକ ପ୍ରକାରର ବଂଶଗତ ବର୍ଣ୍ଣ ବୈଷମ୍ୟ ବିରାଜମାନ ରହିଛି । ତେଣୁ ଯଦି ବି କୌଣସି କାରଣ ବଶତଃ ଯୁବପିଢୀଙ୍କ ମଧ୍ୟରେ ଏଭଳି ଚିନ୍ତାଧାରା ଉତ୍ପନ୍ନ ହୋଇଯାଇଛି ତେବେ ତାହା ଅତ୍ୟନ୍ତ ମନ୍ଦ ଓ ନିନ୍ଦନୀୟ କଥା ଅଟେ । ତେଣୁ ହୁଜୁରେ ଅନୱର୍ (ଜ଼ୈଲି ତନ୍ଜ଼ିମ୍) ପ୍ରଶାସନାଧୀନ ଗୋଷ୍ଠୀମାନଙ୍କୁ ଉପରୋକ୍ତ କଥା ପ୍ରତି ଧ୍ୟାନାକର୍ଷଣ କରିଛନ୍ତି । ହୁଜୁରେ ଅନୱର୍ ଆର୍ଥିକ ତ୍ୟାଗ ପ୍ରତି ଧ୍ୟାନ ଆକର୍ଷଣ କରି କହିଲେ ଯେ,ଅଲ୍ଲାଃତାଲାଙ୍କ କୃପାରୁ ସମଗ୍ର ବିଶ୍ୱରେ ଥିବା ଜମାଅତମାନେ ଆର୍ଥିକ ତ୍ୟାଗ ପ୍ରତି ସଚେତିତ ଓ ଅଗ୍ରଗତି କରୁଛନ୍ତି । କିନ୍ତୁ ଯେଉଁ ନିୟମିତ ଆର୍ଥିକ (ନିଜ଼ାମ୍) ପ୍ରଶାସନ ରହିଛି । ଅର୍ଥାତ୍ ଚାନ୍ଦା ଦେବାର ତାହାକୁ ଦେଖିଲେ ଏହା ଅନୁମିତ ହୁଏ ଯେ,ଆହୁରି ଅନେକ ଦୋଷଦୁର୍ବଳତା ଓ ତ୍ରୁଟି ରହିଛି ଯାହାକୁ ସୁଧାରିବା ସହ ଏଥିପ୍ରତି ଧ୍ୟାନ ଦେବାରା ଆବଶ୍ୟକତା ରହିଛି । ସୁତରାଂ ଯଦି ଆପଣମାନେ ସଠିକ୍ ଆୟର ଦର ଅନୁଯାୟୀ ଚାନ୍ଦା ଦେବାକୁ ଆରମ୍ଭ କରନ୍ତି ତେବେ ମୁଁ ଭାବୁଛି ଯେ, ମସଜିଦ୍ ନିର୍ମାଣ ଓ ଜମାଅତର ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବହୁତ କମ୍ ବା ସ୍ୱଳ୍ପ (ତେହରିକ୍) ପ୍ରସ୍ତାବନା କରିବାକୁ ପଡ଼ିବ । ତେଣୁ ଆପଣମାନଙ୍କ ମଧ୍ୟରୁ ଯେଉଁମାନେ କମ୍ ଚାନ୍ଦା ଲେଖାଇଛନ୍ତି ସେମାନେ ଏହି ଦୃଷ୍ଟିକୋଣାନୁଯାୟୀ ନିଜର ଅନୁଧ୍ୟାନ କରନ୍ତୁ ଏବଂ ନିଜ (ଚାନ୍ଦା ଆମ୍) ସାଧାରଣ ଚାନ୍ଦାର ଅଟକଳକୁ ପୁନର୍ବାର ଯାଞ୍ଚ କରିନିଅନ୍ତୁ ଓ ଲେଖାଇ ନିଅନ୍ତୁ ।

ହୁଜୁରେ ଅନୱର୍ କହିଲେ ଆଜି ମୁଁ ଯେଉଁ କଥା ପ୍ରତି ତୁମମାନଙ୍କର ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି ତାହା (ଇତାଅତ୍) ଆଜ୍ଞାନୁବର୍ତ୍ତୀତା ଅଟେ । ଅନେକ ସଂକୀର୍ଣ୍ଣ ଚିନ୍ତାଧାରା ରଖୁଥିବା ବ୍ୟକ୍ତିମାନେ ଅଥବା କୁଟାଚାରୀ ଚିନ୍ତାଧାରା ପୋଷଣ କରୁଥିବା ବ୍ୟକ୍ତିମାନେ ଏହା କହିଥାଆନ୍ତି ଯେ,କେବଳ ଉଚିତ୍ କଥାରେ ଆଜ୍ଞାପାଳନ କରିବା ଦରକାର । ସେମାନେ ଉପସ୍ଥିତ ଖଲିଫାଙ୍କର ରାୟକୁ ଉପଯୁକ୍ତ ବୋଲି ମନେକରି ନଥାଆନ୍ତି । ହଜ଼ରତ୍ ଖଲିଫତୁଲ୍ ମସିହ୍ ଉଲ୍ ଅୱ୍ୱଲ୍ ର.ଅ ଏହା ସ୍ପଷ୍ଟୀକରଣ ଦର୍ଶାଇ ଉଲ୍ଲେଖ କରନ୍ତି ଯେ,ଏହି ଶବ୍ଦ ନବିଏ କରିମ୍ ସ.ଅ ପାଇଁ ମଧ୍ୟ କୋରାନେରେ ଉଲ୍ଲିଖିତ ହୋଇଅଛି ଯଥା-**ୱଲ୍ ଯାସିନକା ଫି ମାରୁଫିନ୍ (ସୁରତୁଲ୍ ମୁମତହିନାଃ:13) ଅର୍ଥାତ୍ ସେମାନେ ପୁଣ୍ୟ**

**କାର୍ଯ୍ୟରେ ତୁମ୍ଭର ଅବମାନନା କରିବେ ନାହିଁ ।** ହୁଜୁର୍ ର.ଅ ବର୍ଣ୍ଣନା କରନ୍ତି ଯେ,କଣ ବର୍ତ୍ତମାନ ଏମିତି ଲୋକମାନେ ଅଛନ୍ତି କି ? ଯେଉଁମାନେ ଆଁହଜ଼ରତ୍ ସ.ଅଙ୍କ ଅବଗୁଣ ଓ ଦୋଷର ସୂଚୀପତ୍ର ତିଆରି କରିଦେଇଛନ୍ତି । ତାଙ୍କର (ଅର୍ଥାତ୍ ଆଁହଜ଼ରତ୍ ସ.ଅଙ୍କର) କେଉଁ ଗୁଣଗୁଡ଼ିକ ସଠିକ୍ ଏବଂ କେଉଁ ଗୁଣଗୁଡ଼ିକ ଭୁଲ୍ ଅଟେ । **ନାଉଜୁ ବିଲ୍ଲାହି ମିନ୍ ଜ଼ାଲିକ୍**

ହୁଜୁରେ ଅନୱର୍ କହିଲେ ଯେ,ଆଜ୍ଞାନୁବର୍ତ୍ତୀତା ପୁଣ୍ୟ କାର୍ଯ୍ୟରେ ଅଥବା ପୁଣ୍ୟମୟ ନ୍ୟାୟ ଯାହାକୁ ମାନିବା ଅତ୍ୟନ୍ତ ଜରୁରୀ ଅଟେ ଉପରେ ହିଁ ପର୍ଯ୍ୟବେସିତ । ତାହା ହେଲା ଯେ,ଅଲ୍ଲାଃତାଲାଙ୍କ ଆଦେଶକୁ ମାନିବା ସଙ୍ଗେସଙ୍ଗେ ତାଙ୍କ ପ୍ରେରିତ ରସୁଲଙ୍କର ମଧ୍ୟ ଆଜ୍ଞାପାଳନ କରିବାକୁ ପଡ଼ିବ । ତେଣୁ ଯେପର୍ଯ୍ୟନ୍ତ ବାସ୍ତବ ଖ୍ୱଲାଫତ୍ ବିରାଜିତ ଅଛି ସେପର୍ଯ୍ୟନ୍ତ ଅଲ୍ଲାଃତାଲା ଏବଂ ତାଙ୍କ ରସୁଲଙ୍କର ଆଦେଶ ବା ଆଜ୍ଞା ବିରୁଦ୍ଧୀୟ କାର୍ଯ୍ୟ ବା ନ୍ୟାୟ ହେବ ନାହିଁ । ଯାହା କୋରାନ୍ ଏବଂ ସୁନ୍ନତ ଅନୁଯାୟୀ ଯୁକ୍ତିସମ୍ମତ ତଥା ଗ୍ରହଣୀୟ ଏବଂ ଶାସ୍ତ୍ରାନୁମୋଦିତ ତଦନୁଯାୟୀ ହିଁ ନ୍ୟାୟ ହେବ । ପ୍ରତ୍ୟେକ ବ୍ୟକ୍ତି ଯିଏକି ନିଜକୁ ଜମାଅତେ ଅହମଦିୟାରେ ଅନ୍ତର୍ଭୁକ୍ତ କରି ନିଜକୁ ଜମାଅତର ଏକ ଅଭିନ୍ନ ଅଙ୍ଗରୂପେ ବିବେଚିତ କରୁଛି । ତାହାର ଏହି ସର୍ବାଦୌ କର୍ତ୍ତବ୍ୟଟି ହେଲା ଯେ,ଜମାଅତ ସମ୍ବନ୍ଧୀୟ ଉପସ୍ଥିତ ଖଲିଫା ଯାହାକିଛି ନିର୍ଦ୍ଦେଶ ଜାରି କରିବେ ତାହାକୁ ମାନିବା ଏବଂ ଅନୁସରଣ କରିବା ଅତ୍ୟନ୍ତ ଜରୁରୀ ଅଟେ । ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ,ମୋ ଜମାଅତ୍ ସମ୍ବନ୍ଧୀୟ ବ୍ୟକ୍ତିମାନେ ଯେଉଁମାନେକି ମୋର ଦୀକ୍ଷାଗ୍ରହଣ କରିବା ପରେ ଯେଦି ସେମାନେ ନିଜର ସଂସ୍କାର କଲେ ନାହିଁ ଏବଂ ନିଜ ଭିତରେ କୌଣସି ପରିବର୍ତ୍ତନ ଆଣିପାରିଲେ ନାହିଁ ଏବଂ ଅଲ୍ଲାଃତାଲା ଓ ତାଙ୍କର ପ୍ରେରିତ ରସୁଲଙ୍କର ଶିକ୍ଷାନୁଯାୟୀ ନିଜର ଜୀବନକୁ ସରସ ସୁନ୍ଦର ଏବଂ ସୁଖମୟ କରିପାରିଲେ ନାହିଁ ତେବେ ସେମାନଙ୍କର ଏଭଳି (ବୈଅତ୍) ଦୀକ୍ଷାଗ୍ରହଣ ମୂଲ୍ୟହୀନ ଅଟେ । ସୁତରାଂ ଆମମାନଙ୍କର ଅହମଦି ହେବା ସେତେବେଳେ ଯାଇ ସାର୍ଥକ ହୋଇପାରିବ ଯେତେବେଳେ ଆମେମାନେ ଏହି ସତ୍ୟତାକୁ ହୃଦୟଙ୍ଗମ କରି ତଦନୁଯାୟୀ କାର୍ଯ୍ୟାନୁସରଣ କରିବା ପାଇଁ ପ୍ରୟାସ କରିବା ଉଚିତ୍ । ତେଣୁ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଇସଲମାର ପ୍ରକୃତ ଶିକ୍ଷାକୁ ହୃଦୟଙ୍ଗମ କରିବା ସଙ୍ଗେସଙ୍ଗେ ଏହା ଉପରେ କାର୍ଯ୍ୟାନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

......................................

**KHULASA KHUTBA JUMA HUZOOR ANWAR a.b.a**
**2nd NOV 2018**

..................